[ନିୟମ – ୪ (୪-୧) ଦ୍ରଷ୍ଟବ୍ୟ]

ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

Alienation Misc Case No.- ୨୯ /୨୦୨୪

## ସର୍ବସାଧାରଣ ନୋଟିସ୍

ଏତଦ୍ ଦ୍ୱାରା ମୌଜା– ରଙ୍ଗେଇଲୁଣ୍ଡା ଥାନା – ଗୋପାଳପୁରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିକୁ "ରକ୍ଷିତ" ଖାତାରୁ "ଆବାଦ ଯୋଗ୍ୟ ଅନାବାଦି" ଖାତା ଓ କିସମକୁ ପତିତ କିସମ ରେ ପରିଣତ କରି ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶାଙ୍କ ନାମରେ ଉଡାଜାହାଜ ଅବତରଣ (Airstrip), ରଙ୍ଗେଇଲୁଣ୍ଡାର ନିର୍ମାଣ ନିମନ୍ତେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବିତ ହୋଇଅଛି।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ/ ଖାତାଦାର |
|---|---|---|---|---|---|
| ରଙ୍ଗେଇଲୁଣ୍ଡା | ୧୪୬ | ୯୨ | ୧୫.୦୫୦ | ୧୫.୦୫୦ | ପତିତ/ ରକ୍ଷିତ |
| | | ୯୩ | ୦.୩୫୦ | ୦.୩୫୦ | ଗୋଚର/ ରକ୍ଷିତ |
| | | ୯୪ | ୦.୮୦୬ | ୦.୮୦୬ | ଗୋଚର/ ରକ୍ଷିତ |
| | | ୩/୩୨୯ | ୦.୩୪୦ | ୦.୩୪୦ | ପତିତ/ ରକ୍ଷିତ |

ତହସିଲଦାର, କନିଷି

ପରିପତ୍ର ସଂଖ୍ୟା- 12637 / ତାରିଖ-୨୮.୦୯.୨୦୨୪

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, କରାପଲ୍ଲୀଙ୍କ ଦ୍ୱାରା ମୌଜା- ବିକ୍ରମପୁରର ପ୍ରକାଶ୍ୟ ସ୍ଥାନରେ ଡେଣ୍ଡରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରଙ୍ଗେଇଲୁଣ୍ଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ/ ସରପଞ୍ଚଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

ତହସିଲଦାର, କନିଷି